# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
**27 August– 2026**

# ପିଏମ୍-ଖେଲୋ ଇଣ୍ଡିଆ ବାର୍ତ୍ତାଳାପ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ଖେଲୋ ଇଣ୍ଡିଆ ବାର୍ତ୍ତାଳାପ' କାର୍ଯ୍ୟକ୍ରମକୁ ଆଜି ଆଭାସୀ ମାଧ୍ୟମରେ ସମ୍ବୋଧନ କରିବେ । ଜାତୀୟ କ୍ରୀଡ଼ା ଦିବସ ୨୦୨୬ ପାଳନର ଅଂଶସ୍ୱରୂପ ମେରା ଯୁବା ଭାରତ ଦ୍ୱାରା ଏହି କାର୍ଯ୍ୟକ୍ରମ ଦେଶବ୍ୟାପୀ ଆୟୋଜିତ ହେଉଛି । ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଗୁଡ଼ିକର ପ୍ରତ୍ୟେକ ଜିଲ୍ଲାର ୨ଟି ମହାବିଦ୍ୟାଳୟର ବିଦ୍ୟାର୍ଥୀ ଏଥିରେ ଅଂଶଗ୍ରହଣ କରିବେ । ଯୁବବର୍ଗଙ୍କୁ ଦେଶର କ୍ରୀଡ଼ାକ୍ଷେତ୍ର ସହ ଜଡିତ ହେବା ପାଇଁ ଏହି ଆଲୋଚନା ଏକ ପ୍ରତ୍ୟକ୍ଷ ମାଧ୍ୟମ ପ୍ରଦାନ କରିବ । ଓଡ଼ିଶାର ୬୦ଟି ଅନୁଷ୍ଠାନକୁ ଏଥିପାଇଁ ଚୟନ କରାଯାଇଛି । କ୍ରୀଡ଼ାକ୍ଷେତ୍ର ପାଇଁ ଆଗ୍ରହୀ ଯୁବଗୋଷ୍ଠୀ ଏବଂ ଭାରତୀୟ ଖେଳାଳି ଓ ପଦକ ବିଜେତାଙ୍କ ମଧ୍ୟରେ ସିଧାସଳଖ ବାର୍ତ୍ତାଳାପ ପାଇଁ ଏହି କାର୍ଯ୍ୟକ୍ରମ ଏକ ମଞ୍ଚ ପ୍ରଦାନ କରିବ ।

# ପଟ୍ଟା ବଣ୍ଟନ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ଆଜି ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ନିକଟସ୍ଥ ଗୋଳାବନ୍ଧ ଧବଳେଶ୍ୱର ମନ୍ଦିର ପଡ଼ିଆରେ ନୂଆ ଗୋଳାବନ୍ଧ ପୁନର୍ବାସ ଓ ଥଇଥାନ ପ୍ୟାକେଜ ଏବଂ ଛେଳିଗଡ଼ ପ୍ରକଳ୍ପର ବିସ୍ଥାପିତଙ୍କୁ ଜମି ପଟ୍ଟା ବଣ୍ଟନ କରିବେ । ଗୋଳାବନ୍ଧ ଅଞ୍ଚଳର ମତ୍ସ୍ୟଜୀବୀ ଓ ନୋଳିଆ

ପରିବାରଙ୍କ ଆର୍ଥିକ ତଥା ସାମାଜିକ ସ୍ଥିରତା ସୁନିଶ୍ଚିତ କରିବା ସହ ଛେଲିଗଡ଼ ପ୍ରକଳ୍ପଦ୍ୱାରା ପ୍ରଭାବିତ ପରିବାରଗୁଡ଼ିକୁ ସେମାନଙ୍କର ବୈଧ ଜମି ଅଧିକାର ମିଳିପାରିବ ବୋଲି ବ୍ରହ୍ମପୁର ସାଂସଦ ଡକ୍ଟର ପ୍ରଦୀପ ପାଣିଗ୍ରାହୀ କହିଛନ୍ତି ।

## ନେପାଳ ବନ୍ୟା-ନିୟନ୍ତ୍ରଣ କକ୍ଷ

ନେପାଳରେ ଆକସ୍ମିକ ବନ୍ୟାରେ ଶତାଧିକ ଭାରତୀୟ ନିଖୋଜ ଥିବା ଜଣାପଡିଛି । ଏଥିରେ ଥିବା ଓଡ଼ିଶାର ସମ୍ଭାବ୍ୟ ବ୍ୟକ୍ତିବିଶେଷଙ୍କୁ ସହାୟତା ଯୋଗାଇଦେବା ଲକ୍ଷ୍ୟ ନେଇ ନୂଆଦିଲ୍ଲୀସ୍ଥିତ ଓଡ଼ିଶା ନିବାସଠାରେ ଏକ ୨୪ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ସ୍ଥାପନ କରାଯାଇଛି । ନୂଆଦିଲ୍ଲୀସ୍ଥିତ ରାଜ୍ୟ ସରକାରଙ୍କ ମୁଖ୍ୟ ଆବାସିକ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଏ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇବା ସହ ଟେଲିଫୋନ୍ ନମ୍ବର ଜାରି କରାଯାଇଛି ।

## ରକ୍ଷାବନ୍ଧନ

ଭାଇ-ଭଉଣୀଙ୍କ ପବିତ୍ର ସମ୍ପର୍କର ପର୍ବ ରକ୍ଷା ବନ୍ଧନ ତଥା ଗହ୍ମା ପୂର୍ଣ୍ଣମୀ ଆଜି ପାଳନ କରାଯାଉଛି । ଏଥିପାଇଁ ରାଜ୍ୟର ପୁରପଲ୍ଲୀ ଉତ୍ସବମୁଖର ହୋଇଉଠିଛି । ରକ୍ଷାବନ୍ଧନ ସହ ଜଡିତ ଅନେକ ପୌରାଣିକ କାହାଣୀ ଏହି ପର୍ବର ଗୁରୁତ୍ୱ ବହନ କରିଥାଏ ।

# ସିଦ୍ଧ ବଳଦେବଜୀଉ ଜନ୍ମୋତ୍ସବ

ତୁଳସୀକ୍ଷେତ୍ର କେନ୍ଦ୍ରାପଡ଼ାର ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ଜନ୍ମୋତ୍ସବ ପାଳନ ପାଇଁ ମନ୍ଦିରରେ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି । ଠାକୁରଙ୍କ ଜନ୍ମଦିନ ତଥା ରାକ୍ଷୀ ପୂର୍ଣ୍ଣିମା ଅବସରରେ ପରମ୍ପରା ଅନୁଯାୟୀ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହେଉଛି । ୧ଲକ୍ଷ ତୁଳସୀରେ ନିର୍ମିତ ତୁଳସୀମାଳ ଓ ଶ୍ରୀଅଙ୍ଗ ଆଭୂଷଣ ମହାପ୍ରଭୁଙ୍କ ଠାରେ ଲାଗି କରାଯିବ । ଏଥିପାଇଁ ଗତକାଲି ସଂଧ୍ୟାରେ ଏକ ବିଶାଳ ପଟୁଆର ତଥା ତୁଳସୀଯାତ୍ରା ମାଉସୀମା ମନ୍ଦିର ସମ୍ମୁଖରୁ ବାହାରି ବଡଦେଉଳରେ ପହଞ୍ଚିଛି ।

# ରାକ୍ଷୀ ପୂର୍ଣ୍ଣିମା-ଦେୟମୁକ୍ତ ଯାତ୍ରା

ରାକ୍ଷୀ ପୂର୍ଣ୍ଣିମା ଅବସରରେ ଆଜି ମୋ-ବସ୍‌ରେ ମହିଳା ଯାତ୍ରୀଙ୍କ ପାଇଁ ଦେୟମୁକ୍ତ ଯାତ୍ରାର ବ୍ୟବସ୍ଥା କରାଯାଇଛି । କ୍ରୁଟ୍‌ର ପରିଚାଳନା ନିର୍ଦ୍ଦେଶକ ସିଦ୍ଧିକ୍ ଆଲାର୍ କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି । ଭୁବନେଶ୍ୱର, କଟକ, ପୁରୀ, ରାଉରକେଲା, ସମ୍ବଲପୁର, ବ୍ରହ୍ମପୁର ଓ କେନ୍ଦୁଝରରେ ଚଳାଚଳ କରୁଥିବା ଆମ ବସ୍ ଗୁଡ଼ିକରେ ମହିଳା ଯାତ୍ରୀଙ୍କ ପାଇଁ ଏହି ସୁବିଧା ଉପଲବ୍ଧ ହେଉଛି ।

# ବିମାନସେବା

ମାଲକାନଗିରିରୁ ଭୁବନେଶ୍ୱରକୁ ଆସନ୍ତା ୩ ତାରିଖ ସିଧାସଳଖ ବିମାନସେବା ଆରମ୍ଭ ହେବ । ପ୍ରାରମ୍ଭିକ ପର୍ଯ୍ୟାୟରେ ୯ଟି ଆସନ ବିଶିଷ୍ଟ ବିମାନ ମାଧ୍ୟମରେ ଏହି ବାଣିଜ୍ୟିକ ଉଡାଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ଟିକଟ ବୁକିଂ ପାଇଁ ଅନ୍‌ଲାଇନ୍ ପୋର୍ଟାଲ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ । ବିମାନସେବାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ଆନୁଷଙ୍ଗିକ ପ୍ରସ୍ତୁତି ଜାରି ରହିଛି । ବିମାନ ବନ୍ଦରର ରନୱେ ଓ ସୁରକ୍ଷା ବ୍ୟବସ୍ଥାର ମକ୍‌ଡ୍ରିଲ ସଫଳତାର ସହ ଶେଷ ହୋଇଛି ।

# ଅନୁ ଗର୍ଗ-ସିଫୁଡ ପାର୍କ

ଡେରାଶ ସି-ଫୁଡ ପାର୍କକୁ ଅଧିକ ବିକଶିତ କରିବା ଏବଂ ରପ୍ତାନୀ ପାଇଁ ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରଣ ଓ ମୂଲ୍ୟଯୁକ୍ତ କେନ୍ଦ୍ର ଭାବେ ବିକଶିତ କରିବାକୁ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଗତକାଲି ଅପରାହ୍ଣରେ ଏହି ସି-ଫୁଡ ପାର୍କକୁ ପରିଦର୍ଶନ କରି ବିଭିନ୍ନ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି । ନୀଳ ଅର୍ଥନୀତିର ପଦକ୍ଷେପ ସ୍ୱରୂପ ଡେରାଶ ସି-ଫୁଡ ପାର୍କକୁ ଅଧିକ ଉପଯୋଗ କରିବା ଲକ୍ଷ୍ୟନେଇ ମୁଖ୍ୟ ଶାସନ ସଚିବ ସମ୍ପୃକ୍ତ ଅଂଶୀଦାରଙ୍କ ସହ ଆଲୋଚନା କରିଛନ୍ତି ।

# ଚନ୍ଦ୍ରଗ୍ରହଣ

ଚଳିତବର୍ଷର ଦ୍ୱିତୀୟ ଚନ୍ଦ୍ରଗ୍ରହଣ ଆସନ୍ତାକାଲି ହେବ । ଭାରତୀୟ ସମୟ ସକାଳ ୬ଟା ୫୩ ମିନିଟ୍‌ରେ ଗ୍ରହଣ ଆରମ୍ଭ ହୋଇ ପୂର୍ବାହ୍ନ ୧୧ଟା ୨୨ରେ ଶେଷ ହେବ । ତେବେ ଓଡ଼ିଶା ସମେତ ଭାରତରେ ଏହା ଦୃଶ୍ୟମାନ ହେଉ ନଥିବାରୁ ଚନ୍ଦ୍ରଗ୍ରହଣ ରୀତିନୀତି ପାଳନ କରାଯିବ ନାହିଁ ।

# ବିଶ୍ୱ ହ୍ରଦ ଦିବସ

ପରିବେଶ ସନ୍ତୁଳନ ଦିଗରେ ହ୍ରଦର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକୃତିପ୍ରଦାନ କରିବା ଲକ୍ଷ୍ୟନେଇ ଆଜି ବିଶ୍ୱ ହ୍ରଦ ଦିବସ ପାଳନ କରାଯାଉଛି । ଜୈବ ବିବିଧତା ବଜାୟ ରଖିବା ଏବଂ ପ୍ରାଣୀସମ୍ପଦକୁ ପ୍ରାକୃତିକ ଆବାସ ସ୍ଥାନ ପ୍ରଦାନ କରିବାରେ ହ୍ରଦର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ହ୍ରଦ ପରିବେଶ ସଂରକ୍ଷଣ ନେଇ ସଚେତନତା ବୃଦ୍ଧି କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ୨୦୨୪ ମସିହାରେ ଜାତିସଂଘ ଅଗଷ୍ଟ ମାସ ୨୭ ତାରିଖରେ ଏହି ଦିବସ ପାଳନ ପାଇଁ ନିଷ୍ପତ୍ତି ନିଆ ଯାଇଥିଲା । ଗତବର୍ଷ ପ୍ରଥମଥର ପାଇଁ ଏହି ଦିବସ ପାଳିତ ହୋଇଥିଲ ।

# ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଉତ୍ତର-ପଶ୍ଚିମ ଆଡ଼କୁ ଗତି କରିବା ସହ ଝାଡ଼ଖଣ୍ଡ ଓ ଉତ୍ତର ଓଡ଼ିଶା ଦେଇ ଅତିକ୍ରମ କରିବାର

ସମ୍ଭାବନା ରହିଛି । ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଦକ୍ଷିଣ ଓ ପଶ୍ଚିମ ଜିଲ୍ଲା ଗୁଡ଼ିକରେ ବର୍ଷା ହେବା ନେଇ ୧୪ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ଆସନ୍ତାକାଲି ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ।

ପାଣିପାଗ ବିଭାଗର ସୂଚନା ଅନୁସାରେ ଆସନ୍ତାକାଲି ବଙ୍ଗୋପସାଗରରେ ଆଉଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ରବିବାର କିମ୍ବା ସୋମବାର ବେଳକୁ ଏହା ଲଘୁଚାପରେ ପରିଣତ ହେବା ନେଇ ଅନୁମାନ କରାଯାଇଛି ।